# ଆସ ଆସ ସର୍ବେ

ଆସ ଆସ ସର୍ବେ ସର୍ବହରାର ଦଳ
ଗଳାରେ ଗଳାକୁ ଦିଅ ମିଳାଇ
ବକ୍ଷରେ ବକ୍ଷକୁ ଦିଅ ମିଶାଇ
ରଣ ହୁଙ୍କାର ଦିଅ ଶତବାର
ଥରିଯାଉ ଜଳ ସ୍ଥଳ
ଆସ ଆସ ସର୍ବେ .....

ଅନନ୍ତ ଆକାଶୁ ଚନ୍ଦ୍ର ଆସିବ ନଇଁ
ସମୁଦ୍ର ଜଳରେ ଫୁଟିଯିବ ନୀଳକଇଁ
ଅସୀ ଝଲସାଇ ଦୁନ୍ଦୁଭି ଦିଅ ତୋଳି
ତେବେ ଯାଇ ହେବ
ସଂଗ୍ରାମ ପୂର୍ଣ୍ଣ ତୋର
ଆସ ଆସ ସର୍ବେ .....

ସର୍ବ ହରାର ଦୁର୍ଗରେ ଆସି ଝଲମଲ କରେ ଅସୀ
ବେଦନା ଭରା ଅଶ୍ରୁ ତର୍ପଣ କରିବାନି ଆଉ ବସି
ସଂଗ୍ରାମ ପାଇଁ ଦୃଢ଼ ଢୋବନୀ ଦିଆଯାଉ ଶତବାର
ତେବେ ଏ ଧରାରେ
ଅଚିରେ ଫୁଟିବ ସ୍ୱର୍ଣ୍ଣର ଶତଦଳ
ଆସ ଆସ ସର୍ବେ ......

ସୃଜିଯିବା ଆମେ ଦୀର୍ଘ ଇତିହାସ
ପୁଞ୍ଜିବାଦ କରି ଧ୍ୱଂସ
ଆମେ ପରା ବୀରଭୋଗ୍ୟା ବସୁନ୍ଧରା
ଭାରତର ଅବତଂସ
ଗାଇବା ସକଳେ ଭାରତ ମାତାର ଜୟ
ଦୁର୍ବାର ଆମେ ଏକତାହିଁ ଆମ ବଳ
ଆସ ଆସ ସର୍ବେ ..... ☐☐☐

